# NATIONAL NEWS BULLETIN (ODIA)

**8 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ୩ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି ତ୍ରୟୋଦଶ ଆସିଆନ୍-ଭାରତ ମିଳିତ କମିଟି ବୈଠକ

- କେରଳମ୍‌ର କୋଚି ଠାରେ ବ୍ରିକ୍ସ ମହିଳା ମନ୍ତ୍ରିସ୍ତରୀୟ ବୈଠକ ଆରମ୍ଭ

- ଆମେରିକୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଇରାନର ଆକ୍ରମଣ

ଏବଂ

- ଓଡ଼ିଶା ସମେତ ଦେଶର କେତେକ ଅଞ୍ଚଳରେ ଧୂଳିଝଡ଼ ସହ ବର୍ଷା ହେବା ନେଇ ଅନୁମାନ କରିଛି ପାଣିପାଗ ବିଭାଗ

---

## ପିଏମ୍-ଅଷ୍ଟ୍ରେଲିଆ

ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟ୍ରେଲିଆ ଗସ୍ତରେ ଯାଇଛନ୍ତି । ଇଣ୍ଡୋନେସିଆ ଗସ୍ତ ଶେଷ କରି ଶ୍ରୀ ମୋଦୀ ୩ ଦିନିଆ ଗସ୍ତରେ ଯାଇ ମେଲବୋର୍ଣ୍ଣଠାରେ ଆଜି ପହଞ୍ଚିବେ । ଗସ୍ତ ଅବସରରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆନ୍ଥୋନି ଆଲ୍‌ବାନିଜ୍‌ଙ୍କ ସହ ତୃତୀୟ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶ

ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଭାରତ-ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମ୍ମିଳନୀରେ ମଧ୍ୟ ଶ୍ରୀ ମୋଦୀ ଯୋଗଦେବେ । ସେଠାରେ ଉଭୟ ଦେଶର ବ୍ୟାବସାୟିକ ନେତୃମଣ୍ଡଳୀଙ୍କୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଅଷ୍ଟ୍ରେଲିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସେଠାର ପ୍ରବାସୀଭାରତୀୟଙ୍କ ସମାବେଶକୁ ସମ୍ବୋଧନ କରିବେ । ଅଷ୍ଟ୍ରେଲିଆ ପ୍ରତିପକ୍ଷ ଶ୍ରୀ ଆଲ୍‌ବାନିଜ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ବୈଠକରେ ଯୋଗ ଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

---

# ପିଏମ୍-ଟେମ୍ପୁଲ୍ ଷ୍ଟେଟ୍‌ମେଣ୍ଟ

ଇଣ୍ଡୋନେସିଆର ଯୋଗ୍ୟକର୍ତ୍ତାସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳ ପ୍ରମ୍ବାନନ ମନ୍ଦିରକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିଦର୍ଶନ କରିଛନ୍ତି । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ ତାଙ୍କ ସହ ଏହି ଗସ୍ତରେ ଯାଇଥିଲେ । ଗେମଲାନ୍ ସମୂହର ପ୍ରତିଧ୍ୱନିତ ସ୍ୱର ଏବଂ ଶାସ୍ତ୍ରୀୟ ଯୋଗ୍ୟକର୍ତ୍ତା ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଶ୍ରୀ ମୋଦୀଙ୍କୁ ସେଠାରେ ପାରମ୍ପରିକ ସ୍ୱାଗତ କରାଯାଇଥିଲା । ଇଣ୍ଡୋନେସିଆର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଏହା ପ୍ରତିଫଳନ କରୁଛି । ଉଭୟ ନେତା ନବମ ଶତାବ୍ଦୀର ଏହି ମନ୍ଦିର ପରିଦର୍ଶନ କରିବା ଅବସରରେ ଶ୍ରୀ ମୋଦୀ ମୁଖ୍ୟ ଶିବମନ୍ଦିରରେ ପ୍ରାର୍ଥନା କରିଥିଲେ । ସେଠାରେ ଏକ ସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଛନ୍ତି ।

**V/O**

---

## ଇଣ୍ଡିଆ-ଇଣ୍ଡୋନେସିଆ ଆଇଆଇଏମ୍

ଇଣ୍ଡୋନେସିଆରେ ଆଇଆଇଏମ୍ ବେଙ୍ଗାଲୁରୁ ଏହାର କ୍ୟାମ୍ପସ୍ ପ୍ରତିଷ୍ଠା କରିବ । ଇଣ୍ଡୋନେସିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଏ ସଂପର୍କରେ ଘୋଷଣା କରିଛନ୍ତି । ଜାଭାର ପୂର୍ବାଞ୍ଚଳସ୍ଥିତ ସିଂଘସାରୀ ସ୍ୱତନ୍ତ୍ର ଆର୍ଥିକ ଜୋନ୍‌ରେ ଏହି କ୍ୟାମ୍ପସ୍ ପ୍ରତିଷ୍ଠା ହେବା ନେଇ ନିଷ୍ପତ୍ତି ହୋଇଛି । ଆସିଆନ୍ କ୍ଷେତ୍ରର ଛାତ୍ରଛାତ୍ରୀ ଏବଂ ବୃତ୍ତିଗତଙ୍କୁ ଏହି ଅନୁଷ୍ଠାନ ମାଧ୍ୟମରେ ଆନୁଷ୍ଠାନିକ  ଶିକ୍ଷା ତଥା ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ପ୍ରଦାନ କରାଯିବ । ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଉଚ୍ଚଶିକ୍ଷା ସହଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆସିଆନ୍-ଇଣ୍ଡିଆ ଜଏଣ୍ଟ କମିଟି

ଆସିଆନ୍- ଭାତର ବାଣିଜ୍ୟ ଚୁକ୍ତି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ନୂଆଦିଲ୍ଲୀରେ ତ୍ରୟୋଦଶ ମିଳିତ କମିଟି ବୈଠକ ଆୟୋଜିତ ହେଉଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହେବ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଆସିଆନ୍-ଭାରତ ବାଣିଜ୍ୟ ସାମଗ୍ରୀ ଚୁକ୍ତିନାମା ମିଳିତ କମିଟି ଏହା ଅଧୀନରେ ଗଠିତ ଉପକମିଟି ଗୁଡ଼ିକୁ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ମାର୍ଗଦର୍ଶନ କରୁଛି । ଚୁକ୍ତିନାମାର କାର୍ଯ୍ୟାନ୍ୱୟନକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ବକେୟା ପଡ଼ିଥିବା ପଦକ୍ଷେପଗୁଡ଼ିକୁ ଚୂଡ଼ାନ୍ତ କରିବା ନେଇ ମିଳିତ କମିଟି ପଦକ୍ଷେପ ଗ୍ରହଣ କରିଛି । ଉପକମିଟିଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସଂପନ୍ନ କରିବାକୁ ପରାମର୍ଶ ଦିଆଯାଇଛି। ମନ୍ତ୍ରଣାଳୟ କହିଛି, ଚଳିତ ତ୍ରୟୋଦଶ ମିଳିତ କମିଟି ବୈଠକ ଅବସରରେ

୮ଟି ଉପ-କମିଟି ମଧ୍ୟରୁ ୩ଟିର ବୈଠକ ଅନୁଷ୍ଠିତ ହେଉଛି । ମିଳିତ କମିଟି ବୈଠକ ଗତକାଲି ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ନୀତିନ କୁମାର ଯାଦବ ଏବଂ ମାଲେସିଆର ନିବେଶ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଉପସଚିବ ମାସ୍ତୁର ଅହମ୍ମଦ ମୁସ୍ତଫାଙ୍କ ସହଅଧ୍ୟକ୍ଷତାରେ ଆରମ୍ଭ ହୋଇଛି । ଆସିଆନ ସଦସ୍ୟ  ରାଷ୍ଟ୍ର ବ୍ରୁନେଇ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ଲାଓପିଡିଆର, ମାଲେସିଆ, ମ୍ୟାଁମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲ୍ୟାଣ୍ଡ ଓ ଭିଏତନାମର ପ୍ରତିନିଧି ଏହି ବୈଠକରେ ଅଂଶ ଗ୍ରହଣ କରିଛନ୍ତି ।

## ଶାହା-ମହାରାଷ୍ଟ୍ର ସିଚୁଏସନ୍

ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଏବଂ ତତ୍‌ଜନିତ ବନ୍ୟା ପରିସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଲୋଚନା କରିଛନ୍ତି । ପରିସ୍ଥିତିର ମୁକାବିଲା ପାଇଁ ମହାରାଷ୍ଟ୍ର ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ଶାହା ପ୍ରତିଶ୍ରୁତି ଦେଇଛନ୍ତି । ଗତ କିଛିଦିନ ଧରି ପ୍ରବଳ ବର୍ଷା ଯୋଗୁଁ ମହାରାଷ୍ଟ୍ରରେ ଦୈନନ୍ଦିନ ଜୀବନଯାତ୍ରା ବ୍ୟାହତ ହୋଇଛି ।

ବର୍ଷା ଏବଂ ଜଳବନ୍ଦୀ ଜନିତ ପରିସ୍ଥିତି ନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହ ମଧ୍ୟ ଶ୍ରୀ ଶାହା ଆଲୋଚନା କରିଛନ୍ତି ।

## କେରଳମ୍ ବ୍ରିକ୍ସ

କେରଳମ୍‌ର କୋଚିଠାରେ ବ୍ରିକ୍ସ ମହିଳା ମନ୍ତ୍ରୀସ୍ତରୀୟ ବୈଠକ ଆରମ୍ଭ ହୋଇଛି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ସଚିବ ଅନୀଲ ମଲ୍ଲିକ ବୈଠକର ମୁଖ୍ୟ ଅଧିବେଶନରେ ଯୋଗ ଦେଇଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ  ଅନ୍ୟ ଏକ ପୂର୍ଣ୍ଣାଙ୍ଗ ବୈଠକରେ

ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଏବଂ ସଚିବ ଅନୀଲ ମଲ୍ଲିକ ଯୋଗ ଦେଇଥିଲେ । ଗ୍ରାମୀଣ ବିକାଶ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ବୈଷୟିକ ଏବଂ ଗଣିତ, ପୁଷ୍ଟିସାର ଓ ଶିକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଆଧାରିତ ଦେଶର ସଫଳତାକୁ ପ୍ରତିପାଦନ କରୁଥିବା ଏକ ପ୍ରଦର୍ଶନୀ ମଧ୍ୟ ସେଠାରେ ଆୟୋଜନ କରାଯାଇଛି । କେରଳମ୍‌ର ମୁଖ୍ୟମନ୍ତ୍ରୀ ଭି.ଡି. ସତୀଶନ ଏହି ସମ୍ମିଳନୀରେ ଆଜି ସନ୍ଧ୍ୟାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାକାଲି ଏହି ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପିତ ହେବ ।

---

# ପିଏମ୍‌ଓ-ଏଲ୍‌-ନିନୋ

ଏଲ୍‌-ନିନୋର ସମ୍ଭାବ୍ୟ ପ୍ରଭାବ ଏବଂ ଏ ନେଇ ବିଭିନ୍ନ କ୍ଷେତ୍ରରେ ପ୍ରସ୍ତୁତି ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂଆଦିଲ୍ଲୀର ସେବାତୀର୍ଥଠାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୫ରୁ ଅଧିକ ମନ୍ତ୍ରଣାଳୟ ସଚିବ ଓ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବାକୁ ଡକ୍ଟର ମିଶ୍ର ପରାମର୍ଶ ଦେଇଛନ୍ତି । ପ୍ରଭାବର ମୂଲ୍ୟାଙ୍କନ କରାଯିବା ସହିତ ଏହାର ସମାଧାନ ପନ୍ଥାନେଇ କାର୍ଯ୍ୟ କରିବାକୁ ଡକ୍ଟର ମିଶ୍ର କହିଛନ୍ତି । ଏଲ୍‌-ନିନୋ ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳର ପର୍ଯ୍ୟାପ୍ତ ଉପଲବ୍ଧତାକୁ ଉଚ୍ଚ ପ୍ରାଥମିକତା ପ୍ରଦାନ କରିବାକୁ ଡକ୍ଟର ମିଶ୍ର କହିଛନ୍ତି ।

ବୈଠକରେ ଭାରତୀୟ ପାଣିପାଗ ବିଭାଗର ଅଧିକାରୀ ଜୁନ୍ ଏବଂ ଜୁଲାଇ ମାସର ବର୍ଷା ସ୍ଥିତି ନେଇ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଅନ୍ୟମାନଙ୍କ

ମଧ୍ୟରେ କୃଷି ବିଭାଗର ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଏଲ୍-ନିନୋର ପ୍ରଭାବର ମୁକାବିଲା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବୈଠକରେ ରିପୋର୍ଟ୍ ଉପସ୍ଥାପନ କରିଛନ୍ତି ।

---

## ଜେକେ-ଅମରନାଥ ଆଡଭାଇଜରୀ

ଚଳିତ ଶ୍ରୀଅମରନାଥଜୀ ଯାତ୍ରା ପାଇଁ ଜମ୍ମୁକାଶ୍ମୀର ପ୍ରଶାସନ ଏକ ନୂତନ ପରାମର୍ଶବଳୀ ଜାରି କରିଛି । ପଞ୍ଜୀକରଣ ପ୍ରକ୍ରିୟା ଏବଂ ସୁରକ୍ଷା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ତୀର୍ଥଯାତ୍ରୀଙ୍କୁ ଅନୁରୋଧ କରାଯାଇଛି । ଆମ ଜମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଦୈନିକ ତୀର୍ଥଯାତ୍ରୀଙ୍କ ଯାତ୍ରା ସୀମା ବଳବତ୍ତର ରଖାଯାଇଛି । ଅନୁମତିପତ୍ରରେ ଉଲ୍ଲେଖ କରାଯାଇଥିବା ତାରିଖରେ ଯାତ୍ରା କରିବାକୁ ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦିଆଯାଇଛି । ତତ୍କାଳ ପଞ୍ଜୀକରଣ ବ୍ୟବସ୍ଥା ସୀମିତ ସଂଖ୍ୟାରେ ଉପଲବ୍ଧ ରହିଛି ବୋଲି ପ୍ରଶାସନ ସ୍ପଷ୍ଟ କରିଛି । ପଞ୍ଜୀକୃତ ନ ହୋଇଥିବା ତୀର୍ଥଯାତ୍ରୀଙ୍କୁ ଯାତ୍ରା ମାର୍ଗରେ ଆଗକୁ ନଯିବାକୁ ପରାମର୍ଶ ଦିଆଯାଇଛି । ନିର୍ଦ୍ଧାରିତ ଦିବସ ପୂର୍ବରୁ ପଞ୍ଜୀକୃତ ଯାତ୍ରୀଙ୍କୁ ଶ୍ରୀଅମରନାଥଜୀ ଯାତ୍ରାରେ ଯିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି ।

---

## ୟୁଏସ୍-ଇରାନ ଷ୍ଟ୍ରାଇକ୍ସ

କେତେକ ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଇରାନ ପ୍ରତିଶୋଧମୂଳକ ଆକ୍ରମଣ କରିଛି । ହର୍ମୁଜଗାନ୍ ପ୍ରଦେଶ ଏବଂ ବନ୍ଦର

ସହର ମହସାହର ଉପରେ ଆମେରିକାର ଆକ୍ରମଣ ଜବାବରେ ଇରାନ ଏହି ପଦକ୍ଷେପ ଗ୍ରହଣ କରିଛି । ଇରାନ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ, ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ୮୫ଟି ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ମିଳିତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଛି । ସେଗୁଡ଼ିକ ମଧ୍ୟରେ ସଲ୍‌ମାନ ପୋର୍ଟ, ବାହାରିନ୍‌ରେ ଥିବା ଆମେରିକୀୟ ପଞ୍ଚମ ନୌବାହିନୀ ମୁଖ୍ୟାଳୟ ଏବଂ କୁଏତସ୍ଥିତ ଅଲ୍ ସଲେମ୍ ବାୟୁସେନା ଘାଟି ଅନ୍ତର୍ଭୁକ୍ତ । ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ରହିଥିବା ବୁସେହର ପ୍ରଦେଶ ଉପରେ ଏକ ଆମେରିକୀୟ MQ-9 ଡ୍ରୋନ୍‌କୁ ଆକ୍ରମଣ କରି ଖସେଇ ଦିଆଯାଇଛି ବୋଲି ରିଭୋଲ୍ୟୁସନାରୀ ଗାର୍ଡର କର୍ପସ୍‌ର ମୁଖପାତ୍ର ସୂଚନା ଦେଇଛନ୍ତି ।

## ଚୀନ୍ ଲ୍ୟାଣ୍ଡସଲାଇଡ୍

ଚୀନ୍‌ର ଉତ୍ତର-ପଶ୍ଚିମ ପର୍ବତମାଳା ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୨୧ ହୋଇଛି । ଉଦ୍ଧାର ପାଇଥିବା ୧୨ ଜଣଙ୍କ ମଧ୍ୟରୁ ୭ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଭୂସ୍ଖଳନ ସମୟରେ ଜଙ୍ଗଲ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଶ୍ରମିକମାନେ ଯାଉଥିବା ବେଳେ ଏହି ଭୂସ୍ଖଳନ ଘଟିଛି।

## ୱେଦର

ଦେଶର କେନ୍ଦ୍ରାଞ୍ଚଳ ଏବଂ ପୂର୍ବାଞ୍ଚଳର କେତେକ ସ୍ଥାନରେ ପ୍ରବଳ ବର୍ଷା ଏବଂ ଝଡ଼ବାତ୍ୟା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଜାମ୍ମୁ, କାଶ୍ମୀର, ଲଦାଖ, ହରିଆଣା ଏବଂ ହିମାଚଳ ପ୍ରଦେଶରେ

ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ସିକିମ୍, ବିହାର, ଆଣ୍ଡାମାନ ନିକୋବର ଦୀପପୁଞ୍ଜ, ଲାକ୍ଷାଦୀପ ଏବଂ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ଧୂଳିଝଡ଼ ସହ ଘଡ଼ଘଡ଼ି ବିଜୁଳି ଏବଂ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

.................................................................................